# NATIONAL NEWS BULLETIN (ODIA)

## 18 July - 2025

## Morning Bulletin : 7.15 A.M.

**********************************************

## ମୁଖ୍ୟ ସମ୍ବାଦ

- ବିହାର ଓ ପଶ୍ଚିମବଙ୍ଗ ଗସ୍ତ କରି ବହୁବିଧ ବିକାଶମୂଳକ ପ୍ରକଳ୍ପର ଆଜି ଶିଳାନ୍ୟାସ ଓ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ।
- ନବ ଭାରତରେ ସରକାର ଚାପର ବଶବର୍ତ୍ତୀ ନ ହୋଇ ସକାରାତ୍ମକ ପ୍ରଭାବ ଦ୍ୱାରା ପରିଚାଳିତ ହୋଇଥାନ୍ତି, କହିଲେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ।
- ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପୃଥ୍ୱୀ-୨ ଓ ଅଗ୍ନି-୧ର ଓଡ଼ିଶା ଉପକୂଳରେ ହୋଇଛି ସଫଳ ପରୀକ୍ଷଣ ।
- ୟୁକ୍ରେନ୍ ସଂସଦ ପକ୍ଷରୁ ଗତ ପାଞ୍ଚ ବର୍ଷ ମଧ୍ୟରେ ଦେଶର ପ୍ରଥମ ନୂତନ ପ୍ରଧାନମନ୍ତ୍ରୀ ଭାବେ ୟୁଲିଆ ଭିରିଡେଙ୍କୋଙ୍କୁ ମିଳିଲା ନିଯୁକ୍ତି ।

ଏବଂ

- ପୋଲିୟାକ୍ ଇମ୍‌ରେ ଓ ଭାରଗା ଜାନସ୍ ସ୍ମାରକୀ ଟୁର୍ଣ୍ଣାମେଣ୍ଟର ୭୯ କିଲୋଗ୍ରାମ ପୁରୁଷ ଫ୍ରିଷ୍ଟାଇଲ୍ ଭାରଉତ୍ତୋଳନବର୍ଗରେ ଭାରତର ସୁଜିତ କାଲକାଲ ହାସଲ କଲେ ସ୍ୱର୍ଣ୍ଣ ପଦକ ।

# ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାର ଏବଂ ପଶ୍ଚିମବଙ୍ଗ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ତାଙ୍କର ବିହାର ଗସ୍ତକାଳରେ ମୋତିହାରିଠାରେ ୭ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବହୁବିଧ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହି ପ୍ରକଳ୍ପ ମଧ୍ୟରେ ରେଳ, ସଡ଼କ, ଗ୍ରାମୀଣବିକାଶ, ମତ୍ସ୍ୟ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ଆଦି ଅନ୍ତର୍ଭୁକ୍ତ । ଶ୍ରୀ ମୋଦୀ ପାଟନାର ଦରଭଙ୍ଗାଠାରେ ଏକ ନୂତନ ସଫ୍ଟୱେୟାର ପ୍ରଯୁକ୍ତି ପାର୍କ - ଏସ୍.ଟି.ପି.ଆଇ.ର ଉଦ୍‌ଘାଟନ କରିବେ । ଏତଦ୍‌ବ୍ୟତୀତ ପାଟନାରେ ଅତ୍ୟାଧୁନିକ ଇନ୍‌କ୍ୟୁବେସନ ସୁବିଧା ଥିବା ଏସ୍.ଟି.ପି.ଆଇ.ର ମଧ୍ୟ ଉଦ୍‌ଘାଟନ କରିବେ । ସେହିଭଳି ୪ଟି ନୂତନ ଅମ୍ରିତ ଭାରତ ଟ୍ରେନ୍‌କୁ ଶ୍ରୀ ମୋଦୀ ପତାକା ଦେଖାଇ ଶୁଭାରମ୍ଭ କରିବେ ।

ପରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଦୀନଦୟାଲ ଅନ୍ତୋଦୟ ଯୋଜନାରେ ପ୍ରାୟ ୬୧ ହଜାର ୫ ଶହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସେ ୪ ଶହ କୋଟି ଟଙ୍କା ପ୍ରଦାନ କରିବେ । ଏହାଛଡ଼ା ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ୪୦ ହଜାର ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ୧୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିବେ । ସେହିଭଳି ୧୨ ହଜାର ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇବାର କାର୍ଯ୍ୟସୂଚୀ ରହିଛି ।

ବିହାର ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ଅଭିମୁଖେ ଯାତ୍ରା କରିବେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ତୈଳ ଏବଂ ଗ୍ୟାସ୍, ଶକ୍ତି,

ସଡ଼କ ଏବଂ ରେଳ କ୍ଷେତ୍ରରେ ୫ହଜାର କୋଟି ଟଙ୍କାର ବହୁବିଧ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ।

ଏହାଛଡ଼ା ସେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ପଶ୍ଚିମ ବର୍ଦ୍ଧମାନସ୍ଥିତ ତୋପ୍‌ସି ଏବଂ ପାଣ୍ଡବେଶ୍ୱରଠାରେ 'ସେତୁ ଭାରତମ୍' କାର୍ଯ୍ୟକ୍ରମ ଅଧୀନରେ ୩୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨ଟି ଓଭରବ୍ରିଜ୍‌ର ଲୋକାର୍ପଣ କରିବେ। ଏହି ଓଭର୍‌ବ୍ରିଜ୍‌ଗୁଡ଼ିକ ସଡ଼କ ଯୋଗାଯୋଗକୁ ସୁଗମ କରିବା ସହ ରେଳ ଲେବୁଲ୍ କ୍ରସିଂରେ ଦୁର୍ଘଟଣା ରୋକିବାରେ ସହାୟକ ହେବ ।

ଏହାଛଡ଼ା ପ୍ରଧାନମନ୍ତ୍ରୀ ପୁରୁଲିଆ-କୋଟାସିଲା ରେଳ ଲାଇନ୍‌ର ଦୋହରିକରଣ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ । ୩୯୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଦ୍ୱାରା ଜାମ୍‌ସେଦପୁର, ବୋକାରୋ, ଧାନବାଦ୍, ରାଞ୍ଚି ଓ କୋଲକାତା ମଧ୍ୟରେ ରେଳ ସଂଯୋଗୀକରଣକୁ ଅଧିକ ସଶକ୍ତ କରାଯାଇପାରିବ ।

# ପିଏମ୍ ସାଉଥ୍ କୋରିଆ

ଭାରତ-ଦକ୍ଷିଣ କୋରିଆ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଦକ୍ଷିଣ କୋରିଆର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳଙ୍କ ସହିତ ସାକ୍ଷାତ ଆଲୋଚନା

ସମୟରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଗତମାସରେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜେ ମ୍ୟୁଙ୍ଗ୍‌ଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ହୋଇଥିବା ଆଲୋଚନା ସମ୍ପର୍କରେ ଶ୍ରୀ ମୋଦୀ ଏହି ଅବସରରେ ଅବତାରଣା କରିଛନ୍ତି । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ବଜାୟ ରଖିବା ସହ ଏହାର ସମୃଦ୍ଧି ଲାଗି ଗଣତାନ୍ତ୍ରିକ ଦେଶଗୁଡ଼ିକ ମଧ୍ୟରେ ଥିବା ସହଯୋଗର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ହରଦୀପ-ଅଏଲ୍

ରୁଷର ଅଶୋଧିତ ତୈଳ ଉପରେ ହୋଇଥିବା କଟକଣା ପ୍ରତି ଭାରତ ଆଦୌ ଚିନ୍ତିତ ନୁହେଁ ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଉର୍ଜା ବାର୍ତ୍ତା ୨୦୨୫ରେ ଉଦ୍‌ବୋଧନ ଦେଇ ଶ୍ରୀ ପୁରୀ କହିଛନ୍ତି, ଅଶୋଧିତ ତୈଳ ଯେଉଁଠାରେ ଶସ୍ତାରେ ଉପଲବ୍ଧ ହେବ ସେଠାରେ ଭାରତ ଆମଦାନୀ କରିବ । ନବ ଭାରତରେ ସରକାର ଚାପର ବଶବର୍ତ୍ତୀ ହୋଇ କାର୍ଯ୍ୟ କରନ୍ତି ନାହିଁ ବରଂ ସକାରାତ୍ମକ ପ୍ରଭାବ ଦ୍ୱାରା ପରିଚାଳିତ ହୋଇଥାନ୍ତି । ବର୍ତ୍ତମାନ ଭାରତ ପ୍ରାୟ ୨୭ଟି ଦେଶରୁ ତୈଳ କିଣୁଥିବା ବେଳେ ଖୁବ୍ ଶୀଘ୍ର ଏହି ସଂଖ୍ୟା ୪୦ରେ ପହଞ୍ଚିବ ବୋଲି ଶ୍ରୀ ପୁରୀ କହିଛନ୍ତି ।

# କ୍ଷେପଣାସ୍ତ୍ର-ଆକାଶ

ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା ସହଯୋଗରେ ଭାରତୀୟ ସେନାର ଷ୍ଟ୍ରାଟାଜିକ୍ ଫୋର୍ସ୍ କମାଣ୍ଡ ପକ୍ଷରୁ ଗତକାଲି ଓଡ଼ିଶା ଉପକୂଳରେ ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପୃଥ୍ୱୀ-୨ ଓ ଅଗ୍ନି-୧ର ସଫଳ ପରୀକ୍ଷଣ କରାଯାଇଛି । ଧାମରା ସ୍ଥିତ ଅବଦୁଲ୍ କାଲାମ ଦ୍ୱୀପର ଏକକୀକୃତ ପରୀକ୍ଷଣ କେନ୍ଦ୍ରରୁ ସନ୍ଧ୍ୟାରେ ଅଗ୍ନି-୧ ପ୍ରାଇମ୍ ଏବଂ ଚାନ୍ଦିପୁର ସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ରରୁ ରାତିରେ ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ଉତ୍କ୍ଷେପଣ କରାଯାଇଛି । ଅଗ୍ନି-୧ କ୍ଷେପଣାସ୍ତ୍ର ଯୁଦ୍ଧାସ୍ତ୍ର ବହନ କରି ୭୦୦ରୁ ୧୨୦୦ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାର କ୍ଷମତା ରଖିଛି । ସେହିଭଳି ୩୫୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିବାର କ୍ଷମତା ପୃଥ୍ୱୀ-୨ର ରହିଛି । ଏହାଦ୍ୱାରା ଦେଶର ରଣନୈତିକ ଦକ୍ଷତା ପ୍ରଦର୍ଶିତ ହୋଇଛି ।

ଅନ୍ୟ ପକ୍ଷରେ ଭାରତ ଗତକାଲି ଲଦାଖ ଠାରେ ଆକାଶ ପ୍ରାଇମ୍‌ର ସଫଳ ପରୀକ୍ଷଣ କରି ଆଉ ଏକ ଉଲ୍ଲେଖନୀୟ ମାଇଲ୍‌ଖୁଣ୍ଟ ଅତିକ୍ରମ କରିଛି । ଏ ସମ୍ପର୍କରେ ଏକ ରିପୋର୍ଟ:

**V/O-AKARSHITA**

# ନଡ୍ଡା-ହେଲ୍‌ଥ

ଦେଶବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ସରକାର ବିବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଏ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ସ୍ୱରୂପ ସରକାର ଦେଶବ୍ୟାପି ୧ ଲକ୍ଷ ୭୭ ହଜାର ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ସ୍ଥାପନ କରିଛନ୍ତି । ଯେକୌଣସି ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ଏହି ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ସଫଳତାର ସହ କାର୍ଯ୍ୟ କରୁଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ କେବଳ ସହରରେ ନୁହେଁ ବରଂ ଦେଶର ଦୁର୍ଗମ ଅଞ୍ଚଳରେ ମଧ୍ୟ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ସଫଳ ହୋଇଛି । ଏହି ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଗୁଡ଼ିକୁ ଟେଲି ପରାମର୍ଶ ସୁବିଧା ଦ୍ୱାରା ସଜ୍ଜିତ କରାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି ।

**V/O-J-P-NADDA**

# ଖେଲୋ ଭାରତ କନ୍‌କ୍ଲେଭ୍

ଦେଶରେ କ୍ରୀଡ଼ା ଏକ ଜନଅଭିଯାନରେ ପରିଣତ ହୋଇଛି । ମିଳିତ ପ୍ରଚେଷ୍ଟା ଦ୍ୱାରା ଲକ୍ଷ୍ୟ ହାସଲ କରିବାରେ ଭାରତ ସଫଳ ହୋଇପାରିବ ବୋଲି

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଖେଲୋ ଭାରତ କନ୍‌କ୍ଲେଭ୍‌ରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ସମ୍ମିଳିତ ପ୍ରଚେଷ୍ଟା ହିଁ ଭାରତକୁ କ୍ରୀଡ଼ା କ୍ଷେତ୍ରରେ ବିଶ୍ୱସ୍ତରରେ ଏକ ଶକ୍ତି କେନ୍ଦ୍ର ଭାବେ ସ୍ଥାପନ କରିପାରିବ । ୨୦୪୭ ସୁଦ୍ଧା କ୍ରୀଡ଼ା କ୍ଷେତ୍ରରେ ଭାରତକୁ ଏଭଳି ସଫଳତା ଆଣିବା ଦିଗରେ ଏହି ସମ୍ମିଳନୀରେ ଆଲୋଚନା କରାଯାଇଛି ବୋଲି ଡକ୍ଟର ମାଣ୍ଡବ୍ୟ କହିଛନ୍ତି ।

**V/O-MANSUKH-MANDAVIA-SPORTS**

# ୟୁକ୍ରେନ୍ ନ୍ୟୁ ପିଏମ୍

ୟୁକ୍ରେନ୍‌ର ସଂସଦ ଗତ ପାଞ୍ଚ ବର୍ଷ ମଧ୍ୟରେ ଦେଶର ପ୍ରଥମ ନୂତନ ପ୍ରଧାନମନ୍ତ୍ରୀ ଭାବେ ୟୁଲିଆ ଭିରିଡେଙ୍କୋଙ୍କୁ ନିଯୁକ୍ତ କରିଛି । ଦେଶରେ ଘରୋଇ ଅସ୍ତ୍ରଶସ୍ତ୍ର ଉତ୍ପାଦନକୁ ପ୍ରୋତ୍ସାହନ ଦେବା ସହିତ ଋଣଗ୍ରସ୍ତ ଆର୍ଥିକ ସ୍ଥିତିକୁ ସୁଧାରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ରାଷ୍ଟ୍ରପତି ଭୋଲଦିମିର୍ ଜେଲେନ୍‌ସ୍କି ନୂତନ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଦେଇଛନ୍ତି । ୨୦୨୧ ମସିହାରୁ ଦେଶର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରି ଆସୁଥିବା ଭିରିଡେଙ୍କୋ ବୈଷୟିକ ଜ୍ଞାନକୌଶଳ ବିଦ୍ୟାରେ ଅତ୍ୟନ୍ତ ପାରଙ୍ଗମ ବୋଲି ଜଣାଯାଇଛି ।

# ବ୍ରିଟେନ୍-ଜର୍ମାନ

ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ ଏବଂ ଜର୍ମାନ୍ ଚାନ୍ସେଲ୍ର ଫେଡ୍ରିଗ୍ ମର୍ଜଙ୍କ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଲାଗି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଜର୍ମାନ ଓ ବ୍ରିଟେନ୍ ମଧ୍ୟରେ ସମ୍ପର୍କ ଲାଗି ଏହାକୁ ଏକ ଐତିହାସିକ ଦିନ ତଥା ପଦକ୍ଷେପ ଭାବେ ଜର୍ମାନ ଚାନ୍ସେଲର ଅଭିହିତ କରିଛନ୍ତି । ଦୁଇ ଦେଶ ମଧ୍ୟରେ ପୁଞ୍ଜିନିବେଶକୁ ଅଧିକ ପ୍ରୋତ୍ସାହିତ କରିବା ସହ ଚୋରା ଚାଲାଣ ତଥା ଅପରାଧିକ ମାମଲାରେ ସହଯୋଗ ବୃଦ୍ଧି କରିବା ମଧ୍ୟ ଏହି ବୁଝାମଣାପତ୍ରର ଉଦ୍ଦେଶ୍ୟ ବୋଲି ଶ୍ରୀ ମର୍ଜ କହିଛନ୍ତି । ରୁଷ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିପ୍ରେକ୍ଷୀରେ ଏହି ଚୁକ୍ତିନାମାକୁ ଅନେକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି ।

# ରେସ୍ଲିଂ

ହଙ୍ଗେରୀର ବୁଡାପେଷ୍ଟ ଠାରେ ଚାଲିଥିବା ପୋଲିୟାକ୍ ଇମ୍ରେ ଓ ଭାରଗା ଜାନସ୍ ସ୍ମାରକୀ ଟୁର୍ଣ୍ଣାମେଣ୍ଟର ୭୫ କିଲୋଗ୍ରାମ ପୁରୁଷ ଫ୍ରିଷ୍ଟାଇଲ୍ ଭାରଉତ୍ତୋଳନବର୍ଗରେ ଭାରତର ସୁଜିତ କାଲକାଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଫାଇନାଲ୍ ରାଉଣ୍ଡରେ ସୁଜିତ ଆଜାର୍‌ବାଇଜାନ୍‌ର ୪ଥରର ୟୁରୋପୀୟ ସ୍ୱର୍ଣ୍ଣ ପଦକ ବିଜେତା ଅଲି ରହିମ୍‌ଜାଦେଙ୍କୁ ପରାସ୍ତ କରିଛନ୍ତି । ସେହିଭଳି ୫୭ କିଲୋଗ୍ରାମ ପୁରୁଷ ଫ୍ରିଷ୍ଟାଇଲ୍ ବର୍ଗରେ ଭାରତର ରାହୁଲ’

ଜର୍ମାନ୍‌ର ନିକୋଲାସ ଷ୍ଟେଚ୍‌ଲେଙ୍କୁ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।